# ପଞ୍ଚାୟତସମିତି କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ

ବିଜ୍ଞାପନ ସଂଖ୍ୟା 7124 ତାରିଖ 22/12/2025

ଆମ ବସଷ୍ଟାଣ୍ଡ ଭଣ୍ଡାରିପୋଖରୀ ସ୍ତରୀୟ କମିଟି ର ସଦସ୍ୟ ମାନଙ୍କର ସମ୍ମତି କ୍ରମେ ଭଣ୍ଡାରିପୋଖରୀ ର ସମସ୍ତ ସର୍ବସାଧାରଣ ଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆମ ବସଷ୍ଟାଣ୍ଡ ରେ ନିର୍ମାଣ ହୋଇଥିବା ବାର ଗୋଟି ଦୋକାନ ଏବଂ ଏକ କାଫେଟେରିଆ ଗୃହ କୁ ବ୍ୟବସାୟ ନିମନ୍ତେ ଭଡା ରେ ଦେବାପାଇଁ ନିମ୍ନଲିଖିତ ସର୍ତାବଳୀ ର ବ୍ୟବସ୍ତା ରହିଅଛି, ଏଣୁ ଆଗ୍ରହୀ ବ୍ୟକ୍ତି ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାଇ ଏଥିରେ ଭାଗ ନେବାନିମନ୍ତେ ଅନୁରୋଧ |

## ସର୍ତ୍ତାବଳୀ

1. ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଦୋକାନ ଗୃହ ପ୍ରଦାନ କରାଯିବାର ବ୍ୟବସ୍ତା ରହିଅଛି | ପ୍ରତି ଦୋକାନ ଗୃହକୁ ଅଲଗାଭାବେ ପାଞ୍ଚବର୍ଷ ନିମନ୍ତେ ଭଡାରେ ଦିଆ ଯିବ | ପ୍ରତିଦୋକାନ ଗୃହ ଏବଂ କାଫେଟେରିଆ ର ସର୍ବନିମ୍ନ ମୂଲ୍ୟ ଟ. ୧୫୦୦ /- ରହିବ | ପ୍ରତିବର୍ଷ ଭଡା ରାଶି ୧୦ ପ୍ରତିଶତ ହାରରେ ବୃଦ୍ଧି କରାଯିବ |

2. ଭଡା ପାଇଥିବା ବ୍ୟକ୍ତି ନିଜର ବିଦ୍ୟୁତ ବିଲ ପୈଠ କରିବେ |

3. ଭଡା ନେଇଥିବା ବ୍ୟକ୍ତି ୬ ମାସର ଭଡା ଅଗ୍ରିମ ଭାବେ ପୈଠ କରିବେ ଏବଂ ପ୍ରତିମାସର ପାଞ୍ଚ ତାରିଖ ସୁଦ୍ଧା ଆମ ବସଷ୍ଟାଣ୍ଡ ବ୍ୟାଙ୍କ ଖାତାରେ ଜମାକରି ତାହାର ନକଲ ଆମ ବସଷ୍ଟାଣ୍ଡ ଅଧିକାରୀଙ୍କ କାର୍ଯ୍ୟଳୟରେ ଦାଖଲ କରିବେ | ଯଦି ଭଡା ନେଇଇଥିବା ବ୍ୟକ୍ତି ପାଞ୍ଚ ବର୍ଷ ମଧ୍ୟରେ ନିଜ ସ୍ୱ ଇଛା ରେ ଦୋକାନ ଗୃହ ପରିତ୍ୟାଗ କରନ୍ତି ତେବେ ଅନ୍ୟୁନ ୩ ମାସ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ଗୋଚାରର୍ଥ ରେ ଦରଖାସ୍ତ ଦାଖଲ କରିବେ |ଉକ୍ତ ଗୃହ ର ପରବର୍ତ୍ତୀ ପର୍ଯ୍ଯାୟରେ ଭଡା ପାଇଁ ନୋଟିସ କରାଯିବ |

4. ଭଡା ନେଇଥିବା  ବ୍ୟକ୍ତି କୌଣସି ପ୍ରକାର ଅନଧିକୃତ / ଆଇନ ଅମାନ୍ୟ ଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ |

5. ଭଡା ନେଇଥିବା ବ୍ୟକ୍ତି  ଦୋକାନ ଗୃହର ର ଉପଯୁକ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ଆଇନତଃ ଦାଇ ରହିବେ ଯଦି ଦୋକାନ ଗୃହର ଉପଯୁକ୍ତ ରକ୍ଷଣା ବେକ୍ଷଣ ନ କରନ୍ତି ତେବେ ତାଙ୍କ ଭଡା କୌଣସି ସମୟରେ ରଦ୍ଧ କରା ଯାଇପାରିବ |

6. କ୍ୟାଫେଟେରିଆ ଗୃହ କେବଳ ଭୋଜନାଳୟ ନିମନ୍ତେ ( Cooking Purpose ) ବ୍ୟବହାର କରାଯିବ |

7. କ୍ୟାଫେଟେରିଆ ର ଭଡା ନିମନ୍ତେ ଯଦି କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଅଂଶଗ୍ରହଣ କରିଥାନ୍ତି ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ |

୪. ଉପୋରକ୍ତ ଓ ନିମ୍ନ  ସମସ୍ତ ସର୍ତ୍ତାବଳୀ SHG ନିମନ୍ତେ ମଧ୍ୟ ଲାଗୁହେବ |

## ଆବେଦନ ଗ୍ରହଣ ତାରିଖ ଏବଂ ପ୍ରକ୍ରିୟା

1. ଆବେଦନ କାରୀ ନିମ୍ନରେ ଦିଆଯାଇଥିବା ଫର୍ମାଟ ଅନୁଯାଇ କେବଳ ରେଜିଷ୍ଟ୍ରେଡ଼ ପୋଷ୍ଟ / ସ୍ପୀଡ଼ ପୋଷ୍ଟ ମାଧ୍ୟମରେ ବ୍ଲକ ଉନ୍ନୟନ ଅଧିକାରୀ, ଭଣ୍ଡାରିପୋଖରୀ ଙ୍କ ଆଧିକାରୀକ ଡାକ ଠିକଣା କୁ ସିଧା ସଳଖ ପଠାଇବେ |

2. ଗୋଟିଏ ଦୋକାନ ଗୃହ ପାଇଁ ଜଣେ ଆବେଦନ କାରୀ ଅଲଗା ମୂଲ୍ୟ ରେ ଏକାଧିକ ଆବେଦନ କରିପାରିବେନାହିଁ |

3. ଗୋଟିଏ ଦୋକାନ ଗୃହ ପାଇଁ ସର୍ବୋଚ୍ଚ ମୂଲ୍ୟରେ ଆବେଦନ କରିଥିବା ଆବେଦନ କାରୀଙ୍କ ଆବେଦନ ଗ୍ରହଣ କରାଯିବ | ଯେଉଁ ବ୍ୟକ୍ତି କେବଳ ଦୋକାନ ଗୃହ ପାଇଁ ଆବେଦନ କରିବାକୁ ଇଚ୍ଛୁକ ସେମାନେ ଫର୍ମାଟ ରେ ଦିଆଯାଇଥିବା କ୍ୟାଫେଟେରିଆ ଗୃହଟିକୁ ଖାଲି ଛାଡ଼ିବେ |

4. ଆବେଦନ ଗ୍ରହଣ କରିବାର ଶେଷ ତାରିଖ ୦୭/୦୧/୨୦୨୬ ଅପରାହ୍ନ ୫.୦୦ ପର୍ଯ୍ୟନ୍ତ | ଡାକ ବିଳମ୍ବ ହେତୁ ଆବେଦନ ନ ପହଁଚିଲେ ଏହା ପାଇଁ ନିମ୍ନ ସ୍ଵାକ୍ଷର କାରୀ ଦାୟୀ ହେବେ ନାହିଁ | ଡାକ ଗୁଡିକ ୦୮.୦୧.୨୦୨୬ ପୂର୍ବାହ୍ନ ୧୧.୦୦ ଟା ସମୟ ରେ ବ୍ଲକ କନଫେରେନ୍ସ ହଲ ରେ ଖୋଲା ଯିବ |

5. ଯଦି ଆବେଦନ କରିଥିବା ବ୍ୟକ୍ତି ସେହିଦିନ ଉପସ୍ଥିତ ନ ରୁହନ୍ତି ତେବେ ତାଙ୍କ ବଦଳରେ ଯଦି କେହି ଆସିଥାନ୍ତି ତେବେ ଆବେଦନ କରିଥିବା ବ୍ୟକ୍ତିଙ୍କ ଠାରୁ ଲିଖିତ ଅନୁମତି ଆଣିବେ |

6. ଯଦି କୌଣସି ବ୍ୟକ୍ତି ଡାକ ଖୋଲା ଯିବା ସମୟରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ ବ୍ଲକ ଅଧିକାରୀ ସେହି ବ୍ୟକ୍ତିଙ୍କୁ କକ୍ଷ ରୁ ବାହାର କରିଦେଇ ପାରିବେ |

7. ଭଡ଼ାର ବିବରଣୀ (Rent Specification) ଭଦ୍ରକ district web portal ରୁ ପ୍ରାପ୍ତ କରାଯାଇପାରିବ

8. ଆବେଦନ କରି ନିମ୍ନ ରେ ଦିଆଯାଇଥିବା ଫର୍ମାଟ ସହ ନିଜର ଆଧାର କାର୍ଡ ର ଜେରକ୍ସ ସଂଲଗ୍ନ କରିବେ |

9. ବ୍ଲକ ଅଧିକାରୀ, ଡାକଗୁଡିକ ଦୋକାନ ଗୃହ ଭଡା ଦେବାନିମନ୍ତେ ଆସିଅଛି ଜାଣିବା ପାଇଁ ଆବେଦନକାରୀଙ୍କୁ ଅନୁରୋଧ କରାଯାଉଛି ସେମାନେ ଖାମ (ଲିଫାପା) ଉପରେ " ଦୋକାନ ଗୃହ" ଲେଖିବେ | ଯେଉଁ ଖାମ ଉପରେ ଏହା ଲେଖାଯାଇନଥିବ ସେ ଗୁଡିକୁ ଗ୍ରହଣ କରାଯିବା ନାହିଁ |

10. ଚୟନ ହୋଇଥିବା ବ୍ୟକ୍ତି ଏକ ଚୁକ୍ତି ପତ୍ର ସ୍ଵାକ୍ଷର କରିବେ ଏବଂ ୬ ମାସର ଭଡା ଅଗ୍ରୀମ ଭାବେ ପୈଠ କରିବେ |

## <u>ଫର୍ମାଟ</u>

| ଦୋକାନ ଗୃହ ନମ୍ବର ( ୦୧ ରୁ ୧୨ ) | ମୂଲ୍ୟ | କ୍ୟାଫେଟେରିଆ | ମୂଲ୍ୟ | ଆବେଦନ କାରୀଙ୍କ ନାମ | ଆବେଦନ କାରୀଙ୍କ ଆଧାର କାର୍ଡ ନମ୍ବର |
|---|---|---|---|---|---|
| | | | | | |

ଠିକଣା

To - ବ୍ଲକ ଉନ୍ନୟନ ଅଧିକାରୀ, ଭଣ୍ଡାରିପୋଖରୀ

ପଂଚାୟତ ସମିତି ଭଣ୍ଡାରିପୋଖରୀ ,

Post - ଭଣ୍ଡାରିପୋଖରୀ

PS - ଭଣ୍ଡାରିପୋଖରୀ

Pin - 756120

Dist - ଭଦ୍ରକ

ଗୋଷ୍ଠୀ ଉନ୍ନୟନ ଅଧିକାରୀ

ଭଣ୍ଡାରିପୋଖରୀ

Memo No 7125 dt 22/12/25

ଏହାର ଏକ ନକଲ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଭଦ୍ରକ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ

ଭଣ୍ଡାରିପୋଖରୀ

Memo No 7126 dt 22/12/25

ଏହାର ଏକ ନକଲ ଉପ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡିଶା ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉପୋରକ୍ତ ବିଜ୍ଞାପନ କୁ ଅନ୍ୟୁନ ଦୁଇଗୋଟି ଓଡ଼ିଆ ଖବର କାଗଜ ରେ ଛପାଇବେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ

Memo No 7127 dt 22/12/25

ଏହାର ଏକ ନକଲ District e-Governance Manager ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଏହାକୁ District web portal ରେ upload କରିବାକୁ ଅନୁରୋଧ କରା ଗଲା ।

ଦେବବ୍ରତ ଦାଶ

ଗୋଷ୍ଠୀ ଉନ୍ନୟନ ଅଧିକାରୀ

ଭଣ୍ଡାରିପୋଖରୀ

Memo No 7128 dt 22/12/25

ଏହାର ଏକ ନକଲ DM,OSRTC, ଭଦ୍ରକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଦେବବ୍ରତ ଦାଶ

ଗୋଷ୍ଠୀ ଉନ୍ନୟନ ଅଧିକାରୀ

ଭଣ୍ଡାରିପୋଖରୀ